H.W
୨୭/୭/୨୧

# Ch-1

## କଳାମାଣିକରେ

## Worksheet

୧) ଉତ୍ତର ଲେଖ

କ) ଶ୍ରୀକୃଷ୍ଣ ଘରକୁ ଫେରିବା ଡେରି ହେବାରୁ ମାତା ଯଶୋଦା କିପରି ଆତଙ୍କିତ ହୋଇଛନ୍ତି ?

ଉ) ସ୍ନେହମୟୀ ମାତା ଯଶୋଦା କୃଷ୍ଣଙ୍କ ଘରକୁ ଫେରିବା ବିଳମ୍ବରେ ଅଧୀରା ହୋଇପଡ଼ିଛନ୍ତି । ପ୍ରତ୍ୟହ ସନ୍ଧ୍ୟାପୂର୍ବରୁ କୃଷ୍ଣ ଗୋଠାରୁ ଘରୁ ଫେରି ଆସନ୍ତି, କିନ୍ତୁ ସେଦିନ ସନ୍ଧ୍ୟା ଅତିକ୍ରାନ୍ତ ହୋଇଯାଇଛି, ତେଣୁ ମାତା ଯଶୋଦାଙ୍କ ମନ ଭୟ ଓ ନାନା ଆଶଙ୍କାରେ ବିବ୍ରତ ହୋଇପଡ଼ିଛି ।

ଖ) ହରିଚନ୍ଦନ ଶ୍ରୀକୃଷ୍ଣଙ୍କୁ କାହିଁକି କୁହାଯାଇଛି ?

ଉ) ହରିଚନ୍ଦନ ହେଉଛି ଦେବଲୋକୀୟ ସୁବାସିତ ଶ୍ୱେତ ଚନ୍ଦନ । ଗ୍ରୀଷ୍ମକାଳରେ ଶରୀରକୁ ଶୀତଳତା ପ୍ରଦାନ କରିବାପାଇଁ ଚନ୍ଦନ ଲଗାଯାଏ ଯାହାକି ହୃଦୟର ସକଳ ସନ୍ତାପ, ଦୁଃଖ, ତାପ ଓ ବେଦନାକୁ ଶାନ୍ତ କରେ । ଯଶୋଦାଙ୍କ ଜୀବନରେ କୃଷ୍ଣ ହିଁ ଥିଲେ ବାର୍ଦ୍ଧକ୍ୟର ଏକମାତ୍ର ସମ୍ବଳ, ଜୀବନର ସର୍ବସ୍ୱ । ଯେତେବେଳେ ସେ କୃଷ୍ଣଙ୍କୁ ହୃଦୟରେ ଲଗାଇ ଆଲିଙ୍ଗନ କରନ୍ତି, ତାଙ୍କ ହୃଦୟର ସକଳ ଦୁଃଖ, ସନ୍ତାପ ଦୂରୀଭୂତ ହୁଏ । କ୍ଷଣକ ପାଇଁ ପାଖରୁ ଅନ୍ତର ହେଲେ ଭୟ ଓ ଆଶଙ୍କାରେ ତାଙ୍କ ମନରେ ବ୍ୟାକୁଳତା ଭରିଯାଏ ଏବଂ କୋଳକୁ ଫେରିଆସିଲେ ସେ ପରମ ସୁଖ ଅନୁଭବ କରନ୍ତି । ତେଣୁ ସେ କୃଷ୍ଣଙ୍କୁ ହୃଦୟର ତାପ ବିନାଶକ ହରିଚନ୍ଦନ ବୋଲି କୁହାଯାଇଛି ।

ଘ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କ ସୁଖର କାରଣ ଥିଲେ ?

ଉ) ବୃଦ୍ଧ ବୟସରେ ଶ୍ରୀକୃଷ୍ଣଙ୍କ ପରି ସନ୍ତାନ ଯଶୋଦାଙ୍କ ଜୀବନର ସର୍ବସ୍ୱ ଏବଂ ଏକମାତ୍ର ସମ୍ବଳ ଥିଲେ । ତାଙ୍କ ପାଇଁ କୃଷ୍ଣ ଥିଲେ ନୟନ ପ୍ରତିମା ସଦୃଶ । ସେଥିପାଇଁ କୃଷ୍ଣ ପାଖରୁ ଅକ୍ରୁର ନେଲେ ସେ ବିଳାପ କରି ଉଠୁଥିଲେ । କୃଷ୍ଣ ତାଙ୍କ ପାଇଁ ଅନ୍ଧର ଲଉଡ଼ି ଓ ଦରିଦ୍ରର ଧନ ସରି ଥିଲେ। ଅଥଚ କୃଷ୍ଣ କିନ୍ତୁ ତାଙ୍କ ବାରଣ ନ ମାନି ଗୋଚାରଣରେ ବନକୁ ଚାଲି ଯାଉଥିଲେ । ଜୀବର ଜୀବନ ତଥା ବୃଦ୍ଧାବସ୍ଥା ସଦୃଶ କୃଷ୍ଣ ତାଙ୍କ ଜୀବନର ସମସ୍ତ ସୁଖର କାରଣ ଥିଲେ । ତାଙ୍କ ଚନ୍ଦ୍ରବଦନ ଦର୍ଶନରେ ମା' ପାଉଥିଲେ ଅସୀମ ଆନନ୍ଦ । ଜୀବନର ସମସ୍ତ ଦୁଃଖ ପାସୋରି ସେ ତାଙ୍କୁ କୋଳେଇ ନେଉଥିଲେ ।

ଙ) 'ଅନ୍ଧର ଲଉଡ଼ି' ଶ୍ରୀକୃଷ୍ଣଙ୍କ କାହିଁକି କୁହାଯାଇଛି ?

ଉ) ଅନ୍ଧ ଲୋକଟି ପାଇଁ ବାଡ଼ି ଯେପରି ଅତି ପ୍ରୟୋଜନ ସେହିପରି ମାତା ଯଶୋଦାଙ୍କର ଏକମାତ୍ର ସାହାଭରସା ଥିଲେ ଭଗବାନ ଶ୍ରୀକୃଷ୍ଣ । ସେ ମାତା ପିତାଙ୍କ ଅଳିଅଳି ଥିଲେ । ମାତା ପିତା ତାଙ୍କ ବିନା କ୍ଷଣେ ପାଇଁ ରହିପାରିନଥିଲେ । ସେଥିପାଇଁ ତାଙ୍କ 'ଅନ୍ଧର ଲଉଡ଼ି' ବୋଲି କୁହାଯାଇଛି ।

ଚ) ନନ୍ଦକୁ ଡାକିବି ବୋଲି କିଏ କହିଛନ୍ତି ? ଏବଂ କାହିଁକି ?

ଉ) ମାତା ଯଶୋଦା ବିରକ୍ତି ଭାବ ପ୍ରକଟ କରି , ନନ୍ଦକୁ ଡାକିବି ବୋଲି କହିଛନ୍ତି ।

୬) ସରଳାର୍ଥ ଲେଖ

"ନୀଳ ବହୁଥିବ ଅଙ୍ଗ ଛାତି ସାରା ,
ପ୍ରେମ ସ୍ମୃତି ସୂଚୁଥିଲେ ବହିଥିବ ଧାରା ।"

ଉ) "ନୀଳ ବହୁଥିବ ........................ ବହିଥିବ ଧାରା ।"

ଉକ୍ତ ପଦ୍ୟାଂଶଟି କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ 'କଳାମାଣିକରେ' ବିଷଝୁରି ଉଦ୍ଧୃତ । ଏଠାରେ କବି ମାତା ଯଶୋଦାଙ୍କର ଚିନ୍ତା ତାଙ୍କ ପୁତ୍ର ପ୍ରତି ବର୍ଣ୍ଣିତ ହୋଇଛି ।

ଦିନେ ଶ୍ରୀକୃଷ୍ଣଙ୍କ ବନରୁ ଫେରି ଆସିବାରେ ବିଳମ୍ବ ହୋଇଥିଲା । ମାତା ଯଶୋଦା ବହୁତ ଚିନ୍ତିତ ହୋଇ ପଡ଼ିଲେ । ସେ ଭାବିଲେ ଶ୍ରୀକୃଷ୍ଣଙ୍କର ନୀଳ ବହୁଥିବ କାରଣ ବହୁତ ଟାଣ ଖରା ସହିତ ଗରମ ପବନ ବୋହୁଥିଲା । ଗରମ ବହୁତ ହେବା କାରଣରୁ ନୀଳ ବହୁଥିବ । ଗରମ କୁ ସହିପାରି ଶ୍ରୀକୃଷ୍ଣ ଗୋଟେ ବୃକ୍ଷ ତଳେ ବସି ଶୀତଳତା ଗ୍ରହଣ କରୁଥିବେ । ମାତା ଯଶୋଦା ଶ୍ରୀକୃଷ୍ଣଙ୍କର ପ୍ରିୟ ସବୁ କଥା ମନେପକାଇ ତାଙ୍କୁ ମନେ ପକାଉଛନ୍ତି ଏବଂ ତାଙ୍କୁ ଅପେକ୍ଷା କରିଛନ୍ତି ।

ଏଠାରେ କବିଙ୍କ ଉକ୍ତିଟି ମର୍ମସ୍ପର୍ଶୀ ହୋଇଛି

୭) ଠିକ୍ ଉତ୍ତର ଟି ବାଛି ଲେଖ

କ) ଅଭିମନ୍ୟୁ ସାମନ୍ତସିଂହାର କେଉଁ ଜିଲ୍ଲାର ଜନ୍ମଗ୍ରହଣ କରିଥିଲେ ?
ଉ) ii) ଯାଜପୁର

ଖ) ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନକୁ କିଏ କାନ ଡେରି ଥାଆନ୍ତି?
ଉ) iii) ଯଶୋଦା

ଗ) କେଉଁ ଭାବକୁ ନେଇ ମାତା ଯଶୋଦା ଭଳି ହେଉଛନ୍ତି?
ଉ) iv) ବାତ୍ସଲ୍ୟଭାବ

ଘ) ନିଶାଚର ମାରିବାର ଶ୍ରୁତି
ଉ) i) ଶ୍ରୁତିକି

ଙ) ଯକ୍ଷ୍ୟମାଳି - ଅର୍ଥ ଲେଖ।
ଉ) iii) ପ୍ରାଚୀନ

4) ତୁମ ମାଆଙ୍କ ବିଷୟରେ ଲେଖ।

ଉ) ଯେ କରୁଣାମୟୀ, ଯେ ଜନ୍ମଦାତ୍ରୀ, ଯାହାର କୋଳରେ ମଥା ଥୋଇଦେଲେ ଦୁଃଖ, କଷ୍ଟ ଦୂର ହୋଇଯାଏ। ଯାହା ପାଇଁ ପିଲାଟିଏ ଚାଲିଥାଏ ଚାଲିବାକୁ ଏବଂ ବୁଝିଥାଏ ଏହି ସଂସାରକୁ, ସେ ହେଉଛି 'ମା'।

'ମା' ହେଉଛି ଏପରି ଶବ୍ଦ ଯେଉଁ ଶବ୍ଦର କଳ୍ପନା ନାହିଁ। ପୃଥିବୀରେ ସମସ୍ତ ସୁନ୍ଦର ଜିନିଷଠାରୁ 'ମା' ହେଉଛି ସବୁଠାରୁ ସୁନ୍ଦର। 'ମା' ଡାକରେ ଅନେକ ମିଠା ରହସ୍ୟ ଲୁଚାଇ ହୋଇରହିଛି। ସନ୍ତାନର ସୃଷ୍ଟି ପାଇଁ ଭଗବାନ 'ମା' କୁ ଗଢ଼ିଛନ୍ତି।

'ମା' ହେଉଛି କରୁଣାମୟୀ, ଜନ୍ମଦାତ୍ରୀ, ପାଳନକର୍ତ୍ତ୍ରୀ। 'ମା' ହେଉଛି ପବିତ୍ର ସ୍ୱରୂପ। ପବିତ୍ର ମା' ପରି 'ମା' ତାର

ସନ୍ତାନର ସମସ୍ତ ଅହିତ, ଅଳି, ଅର୍ଦ୍ଦଳି ସହ୍ୟ କରିଯାଏ । ମା'ର ସ୍ନେହ ସାଗରଠାରୁ ମଧ୍ୟ ସୁନ୍ଦର, ମା'ର ସହନଶୀଳତା ପାଷାଣଠାରୁ ଆହୁରି କଠିନ । ମା'ର ହୃଦୟ ଫୁଲଠାରୁ ଆହୁରି କୋମଳ । ମା' ହେଉଛନ୍ତି ଦୟା, କ୍ଷମା ଓ ତ୍ୟାଗର ପ୍ରତୀକ । ମା'ର ସଂଜ୍ଞା ଅନେକ ଯାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ ନିଜ ସନ୍ତାନ ପାଇଁ ମା' ସବୁ ତ୍ୟାଗ କରିଯାଏ ।

ମୋ ମା' ମୋ ପାଇଁ ଭଗବାନ ସମାନ ପୂଜ୍ୟନୀୟା ଅଟନ୍ତି । ମୋ ମା'ଙ୍କର ଭୂମିକା ମୋ ଜୀବନରେ ଅନେକ ଅଛି । ମୋ ମା ମତେ ବଡ଼ ମାନଙ୍କୁ ସମ୍ମାନ ଦେବା, ଛୋଟମାନଙ୍କୁ ଭଲ ପାଇବା ଶିଖାନ୍ତି, ମୋ ମା ମତେ ~~ବଡ଼ ମାନଙ୍କୁ ସମ୍ମାନ~~ ପାଠ ପଢାଇବା ସହ ଜୀବନରେ କିପରି ଉନ୍ନତି କରିବି ଓ ଭଲ ମଣିଷ ହୋଇବି, ସେଥିପାଇଁ ସର୍ବଦା ଭଲବାଟ ଦେଖାନ୍ତି ଓ ଭୁଲ କଲେ ଶାସନ ମଧ୍ୟ କରନ୍ତି ।

ମୋ ମା' ମୋର ମୁଣ୍ଡରେ ହାତ ବୁଲାଇ ଦେଲେ ମୋର ସମସ୍ତ ଦୁଃଖ, କଷ୍ଟ ଓ ଚିନ୍ତା ଦୂର ହୋଇ ହୋଇଯାଏ । ମୁଁ ମୋର ମା'ଙ୍କୁ ବହୁତ ଭଲପାଏ, ଭଗବାନ କରନ୍ତୁ ମୁଁ ମୋର ମା'ଙ୍କ ମନରେ କେବେ ବି କଷ୍ଟ ନ ଦିଏ ।

ମୋ ମା'ର ସୁରକ୍ଷା ଓ ସମ୍ମାନ ମୋର ପ୍ରଥମ କର୍ତ୍ତବ୍ୟ ଅଟେ । ମୁଁ ସଦା ସର୍ବଦା ଚେଷ୍ଟା କରିବି ମୋ ପାଇଁ ମୋ ମା'ର ଚକ୍ଷୁରୁ ଲୁହ ନ ବହୁ ଏବଂ ତାଠାରୁ ପାଇଥିବା ସଂସ୍କାରକୁ ନେଇ ଜୀବନରେ ଗୋଟେ ଭଲ ନାଗରିକ ହେବାକୁ ଚେଷ୍ଟା କରିବି ।